# NATIONAL NEWS BULLETIN (ODIA)
## 5 September - 2025
## Morning Bulletin : 7.15 A.M.

********************************

## ମୁଖ୍ୟ ସମ୍ବାଦ

- ଆଜି ଶିକ୍ଷକ ଦିବସ ଅବସରରେ ଆଜି ଜାତୀୟ ଶିକ୍ଷକ ପୁରସ୍କାର ପ୍ରଦାନ କରିବେ ରାଷ୍ଟ୍ରପତି ।
- ପରବର୍ତ୍ତି ପିଢ଼ିର ଜି.ଏସ୍.ଟି. ସଂସ୍କାର ଦେଶର ବିକାଶ ପାଇଁ ଡବଲ୍ ଡୋଜ୍ ଭାବେ କାର୍ଯ୍ୟ କରିବ ବୋଲି କହିଲେ ପ୍ରଧାନମନ୍ତ୍ରୀ ।
- ସ୍ୱଦେଶୀ ଉତ୍ପାଦକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଶିକ୍ଷକ ଏବଂ ଛାତ୍ରଛାତ୍ରୀମାନଙ୍କୁ ସ୍ୱତନ୍ତ୍ର ଅଭିଯାନ ଚଳାଇବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ।
- ଆଫଗାନିସ୍ତାନରେ ପୁଣି ୬ ଦଶମିକ୍ ୨ ତୀବ୍ରତା ବିଶିଷ୍ଟ ଭୂମିକମ୍ପ ଅନୁଭୂତ ।

– ମୃତ୍ୟୁ ସଂଖ୍ୟା ୨ ହଜାର ୨୦୦କୁ ବୃଦ୍ଧି ।

ଏବଂ

- ଏସିଆ କପ୍ ପୁରୁଷ ହକି ପ୍ରତିଯୋଗିତାର ସୁପର୍ ଫୋର୍ ପର୍ଯ୍ୟାୟରେ ମାଲେସିଆକୁ ୪-୧ ଗୋଲ୍‌ରେ ପରାସ୍ତ କଲା ଭାରତ ।

# ଟିଚର୍ସ୍ ଡେ

ସାରା ଦେଶରେ ଆଜି ଗୁରୁଦିବସ ବା ଶିକ୍ଷକ ଦିବସ ପାଳନ କରାଯାଉଛି । ଭାରତର ଦ୍ୱିତୀୟ ରାଷ୍ଟ୍ରପତି ତଥା ଶିକ୍ଷାବିତ୍ ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଜନ୍ମ ବାର୍ଷିକୀକୁ ଶିକ୍ଷକ ଦିବସ ଭାବେ ପାଳନ କରାଯାଇ ଆସୁଛି । ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନଠାରେ ଅନୁଷ୍ଠିତ ହେବାକୁ ଥିବା ଏକ ସ୍ୱତନ୍ତ୍ର ସମାରୋହରେ ଜାତୀୟ ଶିକ୍ଷକ ପୁରସ୍କାର ୨୦୨୫ ପ୍ରଦାନ କରିବେ । ଶିକ୍ଷକମାନଙ୍କ ଉତ୍ସର୍ଗୀକୃତ କାର୍ଯ୍ୟ ଏବଂ ଗୁଣାତ୍ମକ ଶିକ୍ଷାଦାନକୁ ଆଧାରକୁ ନେଇ ଏହି ପୁରସ୍କାର ପ୍ରଦାନ କରାଯିବ ।

ଗତକାଲି ସନ୍ଧ୍ୟାରେ ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜାତୀୟ ଶିକ୍ଷକ ପୁରସ୍କାର ପାଇବାକୁ ଥିବା ମନୋନୀତ ଶିକ୍ଷକମାନଙ୍କ ସହ ଆଲୋଚନା କରିଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ଏହା କେବଳ ଏକ ପୁରସ୍କାର ନୁହେଁ ବରଂ ଭାରତୀୟ ସମାଜରେ ଶିକ୍ଷକମାନେ ଯେଉଁ ଦେଶ ନିର୍ମାଣର ଶକ୍ତି ବହନ କରନ୍ତି ଏବଂ ଛାତ୍ରଛାତ୍ରୀମାନଙ୍କୁ ଦିଗ୍‌ଦର୍ଶନ ଦିଅନ୍ତି ତାହାକୁ ସମ୍ମାନ ଜଣାଇବା ଏକ ବରିଷ୍ଠ ମାଧ୍ୟମ । ପୁରସ୍କାର ପାଇବାକୁ ଥିବା ସମସ୍ତ ଶିକ୍ଷକଙ୍କୁ ଶୁଭେଚ୍ଛା ଜଣାଇବା ସହ ପ୍ରଧାନମନ୍ତ୍ରୀ କହିଛନ୍ତି,

ଶିକ୍ଷକମାନେ କେବଳ ବର୍ତ୍ତମାନକୁ ଆକାର ଦିଅନ୍ତି ନାହିଁ ବରଂ ଦେଶ ସେବାରେ ସେମାନଙ୍କ ଅତୁଳନୀୟ ଭୂମିକାକୁ ସଠିକ୍ ଢଙ୍ଗରେ କାର୍ଯ୍ୟରେ ପରିଣତ କରିଥାନ୍ତି । ଦେଶର ସମସ୍ତ ଶିକ୍ଷକମାନଙ୍କୁ କର୍ତ୍ତବ୍ୟନିଷ୍ଠ ହୋଇ ଶିକ୍ଷାଦାନରେ ବ୍ରତି ରହିବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି ।

# ପିଏମ୍ ହୋମ୍ୱାର୍କ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଶିକ୍ଷକମାନେ ସାଧାରଣତଃ ଛାତ୍ରଛାତ୍ରୀମାନଙ୍କୁ ହୋମ୍ୱାର୍କ୍ ବା ଗୃହ କାର୍ଯ୍ୟ କରିବା ପାଇଁ ଦେଇଥାନ୍ତି । କିନ୍ତୁ ଏକ ବଡ଼ ପରିବର୍ତ୍ତନ ପାଇଁ ସେ ଶିକ୍ଷକମାନଙ୍କୁ ହୋମ୍ୱାର୍କ୍ ଦେଇଛନ୍ତି । ଶିକ୍ଷକମାନେ ସ୍ୱଦେଶୀ ଉତ୍ପାଦ ଗୁଡ଼ିକୁ ପ୍ରୋତ୍ସାହିତ କରିବା ପାଇଁ ଛାତ୍ରଛାତ୍ରୀମାନଙ୍କ ସହିତ ସ୍ୱତନ୍ତ୍ର ଅଭିଯାନ ଚଳାଇବା ଏବଂ ମେକ୍ ଇନ୍ ଇଣ୍ଡିଆ ଓ ଭୋକାଲ୍ ଫର୍ ଲୋକାଲ୍ ଅଭିଯାନକୁ ପ୍ରୋତ୍ସାହିତ କରିବା ଲାଗି ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । ଆଲୋଚନା ସମୟରେ ପ୍ରଧାନମନ୍ତ୍ରୀ ଜି.ଏସ୍.ଟି. କ୍ଷେତ୍ରରେ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ । ସେ କହିଥିଲେ, ଜି.ଏସ୍.ଟି. 'ଟୁ ପଏଣ୍ଟ ଓ' ଦେଶ ପାଇଁ ବିକାଶର ଡବଲ୍ ଡୋଜ୍ ଭାବେ କାର୍ଯ୍ୟ କରିବ ।

**V/O-PM-Modi-GST-Double Dose**

ଗତକାଲି ଜାତୀୟ ଶିକ୍ଷକ ପୁରସ୍କାର ବିଜେତାଙ୍କ ସହ ଏକ ଆଲୋଚନାରେ ଶ୍ରୀ ମୋଦୀ ସ୍କୁଲ୍ ଗୁଡ଼ିକୁ ସ୍ୱଦେଶୀ ଦିବସ କିମ୍ବା ସ୍ୱଦେଶୀ ସପ୍ତାହ ଭଳି ଉତ୍ସବ ପାଳନ କରିବାକୁ କହିଛନ୍ତି । ଏହି ଦିବସରେ ଛାତ୍ରଛାତ୍ରୀମାନେ ସେମାନଙ୍କ ଘରୁ ସ୍ଥାନୀୟ ଉତ୍ପାଦ ଆଣି ସେ ବିଷୟରେ ଆଲୋଚନା କରିବା ସହ ପ୍ଲାକାର୍ଡ୍ ଧରି ନିଜ ଅଞ୍ଚଳରେ ଶୋଭାଯାତ୍ରାରେ ତାହା ପ୍ରଦର୍ଶନ କରିପାରିବେ । ସେ କହିଛନ୍ତି, ଏଭଳି କାର୍ଯ୍ୟକଳାପ ଏକ ସ୍ୱତନ୍ତ୍ର ପରିବେଶ ସୃଷ୍ଟି କରିବ ଏବଂ ନାଗରିକମାନଙ୍କୁ ମେଡ୍ ଇନ୍ ଇଣ୍ଡିଆ ଓ ସ୍ଥାନୀୟ ଉତ୍ପାଦ ବ୍ୟବହାର ପାଇଁ ଉତ୍ସାହିତ କରିବ । ଶ୍ରୀ ମୋଦୀ କହିଛନ୍ତି, ଜି.ଏସ୍.ଟି.କୁ ଆହୁରି ସରଳୀକରଣ କରାଯାଇଛି ଯାହାଫଳରେ ପ୍ରତ୍ୟେକ ଦେଶବାସୀ ଏଥିରୁ ଲାଭ ପାଇପାରିବେ ।

**V/O-PM Modi GST Diwali**

ଆଲୋଚନା ଅବସରରେ ଶ୍ରୀ ମୋଦୀ ଶିକ୍ଷକମାନଙ୍କୁ କଳା, ହସ୍ତଶିଳ୍ପ ଭଳି ଉତ୍ପାଦ ଗୁଡ଼ିକୁ ଅତ୍ୟନ୍ତ ଗର୍ବର ସହ ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଛନ୍ତି । ସେ କହିଛନ୍ତି, ପ୍ରତ୍ୟେକ ଦୋକାନ ଏବଂ ଘର ବାହାରେ ହର୍ ଘର୍ ସ୍ୱଦେଶୀ ବୋଲି ବୋର୍ଡ୍ ରହିବା ଉଚିତ୍ । ସ୍ୱଦେଶୀ ଉତ୍ପାଦକୁ ପ୍ରୋତ୍ସାହିତ କରିବା କ୍ଷେତ୍ରରେ ଜାତିର ଜନକ ମହାତ୍ମା ଗାନ୍ଧିଙ୍କ ବିଷୟରେ କହିଥିଲେ । ଦେଶର ସମସ୍ତ ଶିକ୍ଷକ ସେମାନଙ୍କ ଛାତ୍ରଛାତ୍ରୀଙ୍କୁ ଆତ୍ମ ନିର୍ଭରଶୀଳତାର ଗୁରୁତ୍ୱ ବୁଝାଇବା ଲାଗି ପ୍ରଧାନମନ୍ତ୍ରୀ କହିଥିଲେ ।

## ପ୍ରେଜ୍-ଓନମ୍

ଓନମ୍ ପର୍ବ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶର ଲୋକମାନଙ୍କୁ ବିଶେଷ କରି କେରଳବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ରାଷ୍ଟ୍ରପତି କହିଛନ୍ତି, ଓନମ୍ ହେଉଛି କେରଳର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଏବଂ ପରମ୍ପରାର ଏକ ଅନନ୍ୟ ଉଦାହରଣ । ଏହି ପର୍ବ ଲୋକମାନଙ୍କୁ ସାଂସ୍କୃତିକ ଏବଂ ଧାର୍ମିକ ବିଶ୍ୱାସ ବ୍ୟତୀତ ଏକତା, ସହଯୋଗ ଏବଂ ସମନ୍ୱୟର ଗୁରୁତ୍ୱକୁ ମନେ ପକାଇ ଦେଇଥାଏ । ରାଷ୍ଟ୍ରପତି କହିଛନ୍ତି, ଓନମ୍ ହେଉଛି ଦେଶର କୃଷକମାନଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିବାର ଏକ ସୁ-ଅବସର ।

## ପିଏମ୍-ଜିଏସ୍‌ଟି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ପରବର୍ତ୍ତି ପିଢ଼ିର ଜି.ଏସ୍.ଟି. ସଂସ୍କାର ମଧ୍ୟବିତ୍ତ ବର୍ଗର ଲୋକମାନଙ୍କୁ ସହଜରେ ଜୀବନଯାପନ ଲାଗି ସୁଯୋଗ ସୃଷ୍ଟି କରିବ । ସେ କହିଛନ୍ତି, ଜି.ଏସ୍.ଟି. ଟିକସ ହାର ଚାରିଟି ସ୍ଲାବ୍‌ରୁ ଦୁଇଟି ସ୍ଲାବ୍‌କୁ ହ୍ରାସ କରାଯାଇଥିବା ବେଳେ ନବରାତ୍ରୀର ପ୍ରଥମ ଦିନ ଅର୍ଥାତ୍ ସେପ୍ଟେମ୍ବର ୨୨ ତାରିଖରୁ ନୂଆ ଜି.ଏସ୍.ଟି. ଟିକସ ବ୍ୟବସ୍ଥା ଲାଗୁ ହେବ । ଏହି ଜି.ଏସ୍.ଟି. ସଂସ୍କାରକୁ

ପଞ୍ଚରତ୍ନ ବୋଲି ବର୍ଣ୍ଣନା କରି ଶ୍ରୀ ମୋଦୀ କହିଛନ୍ତି, ଏହା ଟିକସ ବ୍ୟବସ୍ଥାର ସରଳୀକରଣ, ନାଗରିକଙ୍କ ଉନ୍ନତମାନର ଜୀବନଯାପନ, ବିକାଶକୁ ଗତି ଦେବା, ପୁଞ୍ଜିନିବେଶ ବୃଦ୍ଧି ଏବଂ କର୍ମ ସଂସ୍ଥାନ ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯାଇଛି ।

**V/O-PM-Modi-Pancharatna**

# ସରସ ମେଳା

ନୂଆଦିଲ୍ଲୀରେ ଆଜିଠାରୁ ସରସ ଆଜୀବିକା ମେଳାର ୨୭ତମ ସଂସ୍କରଣ ଆରମ୍ଭ ହେବ । ଗ୍ରାମୀଣ ମହିଳାମାନଙ୍କୁ ନିଜର ଉତ୍ପାଦ ବିକ୍ରୟ କରିବା ଲାଗି ଏହି ମେଳା ଏକ ଉତ୍ତମ ମଞ୍ଚ ରୂପେ ପରିଗଣିତ ହୁଏ । ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରୁ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ୪୦୦ରୁ ଉର୍ଦ୍ଧ୍ୱ ଗ୍ରାମୀଣ ମହିଳା ଏଥିରେ ଭାଗ ନେବେ । ଚଳିତ ବର୍ଷ ଏହି ମେଳାର ବିଷୟବସ୍ତୁ ରହିଛି 'ଲକ୍ଷପତି ଦିଦି ତିଆରି କରିବା - ଭୋକାଲ ଫର୍ ଲୋକାଲ୍‌ର ଚାମ୍ପିୟନ୍ ଏବଂ ସଫଳ ଉଦ୍ୟୋଗୀ ଭାବେ ଗଢ଼ି ତୋଳିବା ଲାଗି ଗ୍ରାମୀଣ ମହିଳାଙ୍କ ସଶକ୍ତି କରଣ' । ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ମେଳାରେ ବିଶେଷ କରି ଲକ୍ଷପତି ଦିଦି ମାନଙ୍କୁ

ନିଜର ହସ୍ତତନ୍ତ, ବୟନଶିଳ୍ପ ଏବଂ ଖାଦ୍ୟ ଉତ୍ପାଦର ଉତ୍ତମ ବିପଣନ ଲାଗି ସୁବିଧା ମିଳିବ ।

କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରଣାଳୟର ଯୁଗ୍ମ ସଚିବ ସ୍ୱାତୀ ଶର୍ମା କହିଛନ୍ତି, ଏହି ମେଳା ମାଧ୍ୟମରେ ନିଜର ମୂଳଦୁଆ ସହିତ ଯୋଡ଼ି ହେବାର ସୁଯୋଗ ମିଳିବ । ଦିନ୍ ଦୟାଲ୍ ଅନ୍ତ୍ୟୋଦୟ ଯୋଜନା ଓ ରାଷ୍ଟ୍ରୀୟ ଗ୍ରାମୀଣ ଆଜୀବିକା ଅଭିଯାନ ଅଧୀନରେ ପ୍ରାୟ ୧୦ କୋଟି ମହିଳା, ୯୦ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀ ସହ ସାମିଲ ହୋଇପାରିବେ ବୋଲି ସେ କହିଛନ୍ତି ।

## ଭୁଟାନ ପିଏମ୍-ବିହାର ଭିଜିଟ୍

ଭୁଟାନ୍ ପ୍ରଧାନମନ୍ତ୍ରୀ ସେରିଂ ଟୋବଗେ ଗତକାଲି ବିହାରର ବୋଧଗୟାରେ ପବିତ୍ର ମହାବୋଧି ମନ୍ଦିର ପରିଦର୍ଶନ କରିଛନ୍ତି । ବିଶ୍ୱ ଐତିହ୍ୟ ସ୍ଥଳ ଭାବେ ମାନ୍ୟତାପ୍ରାପ୍ତ ମହାବୋଧି  ମନ୍ଦିର ବୋଧାଗୟାରେ ସେ ପ୍ରାର୍ଥନା କରିଥିଲେ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଅନୁଯାୟୀ ଭୁଟାନ ପ୍ରଧାନମନ୍ତ୍ରୀଙ୍କ ଚାରି ଦିନିଆ ଭାରତ ଗସ୍ତ ଅବସରରେ ସେ ଗୟା ଏବଂ ଅଯୋଧ୍ୟାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ । ସେ ନୂଆଦିଲ୍ଲୀ ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କରଙ୍କ ସହ ମଧ୍ୟ ସାକ୍ଷାତ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି ।

# ଆଫ୍‌ଗାନ୍ ଆର୍ଥକ୍ୱେକ୍

ଆଫ୍‌ଗାନିସ୍ତାନର ଦକ୍ଷିଣ-ପୂର୍ବାଞ୍ଚଳରେ ପୁଣି ଗତକାଲି ୬ ଦଶମିକ୍ ୨ ତୀବ୍ରତା ବିଶିଷ୍ଟ ଭୂମିକମ୍ପ ଅନୁଭୂତ ହୋଇଛି । ଗତ ରବିବାର ଦିନ ଘଟିଥିବା ଭୂମିକମ୍ପ ପରେ ଗତକାଲି ଅନୁଭୂତ ଭୂମିକମ୍ପକୁ ମିଶାଇ ମୃତ୍ୟୁ ସଂଖ୍ୟା ୨ହଜାର ୨୦୦ ଅତିକ୍ରମ କରିଛି । ସେଠାକାର ଜଣେ ସରକାରୀ ମୁଖପାତ୍ର କହିଛନ୍ତି, ଗତ ରବିବାର ଦିନ ୬ ତୀବ୍ରତା ବିଶିଷ୍ଟ ଭୂମିକମ୍ପ ଅନୁଭୂତ ହୋଇଥିଲା । ଏ ପର୍ଯ୍ୟନ୍ତ ୩ ହଜାର ୬୪୦ ଜଣରୁ ଅଧିକ ଲୋକ ଏଥିରେ ଆହତ ହୋଇଥିବା ସେ ସୂଚନା ଦେଇଛନ୍ତି । ଗତକାଲିର ଭୂମିକମ୍ପ ପରେ ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି ।

# ଓ୍ୱେଷ୍ଟ କ୍ୱାଲିସନ୍ ୟୁକ୍ରେନ୍

ରୁଷ ସହିତ ସଂଘର୍ଷ ଶେଷ ହେବା ପରେ ୨୬ଟି ପଶ୍ଚିମ ସହଯୋଗୀ ରାଷ୍ଟ୍ର ୟୁକ୍ରେନ୍‌ରେ ସ୍ଥଳ, ଜଳ ଓ ଆକାଶ ମାର୍ଗରେ ସୈନ୍ୟ ମୁତୟନ କରିବାକୁ ଆନୁଷ୍ଠାନିକ ଭାବେ ପ୍ରତିଶ୍ରୁତି ଦେଇଛନ୍ତି । ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନ୍ କହିଛନ୍ତି, ୟୁକ୍ରେନ୍‌କୁ ସମର୍ଥନ କରୁଥିବା ୩୫ଟି ରାଷ୍ଟ୍ରର ସମ୍ମିଳନୀରେ ଏହି ନିଷ୍ପତ୍ତି ନିଆଯାଇଛି । ସବୁ ରାଷ୍ଟ୍ର ଗୁଡ଼ିକ ସ୍ୱଇଚ୍ଛାରେ ଏଭଳି ପ୍ରସ୍ତାବକୁ ସମର୍ଥନ କରିଛନ୍ତି । ସେ କହିଛନ୍ତି, ଯୁଦ୍ଧ

ବିରତି କିମ୍ବା ଶାନ୍ତି ସ୍ଥାପନ ହେବାର ପରଦିନ ଦେଶର ସୁରକ୍ଷାକୁ ସୁନିଶ୍ଚିତ କରିବା ଲାଗି ୨୬ଟି ଦେଶ ୟୁକ୍ରେନ୍‌ରେ ସେମାନଙ୍କ ସୈନ୍ୟ ମୁତୟନ କରିବେ ।

ପୂର୍ବରୁ ମାକ୍ରନ ଏବଂ ଅନ୍ୟ ୟୁରୋପୀୟନ ନେତାମାନେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲଦିମିର୍ ଜେଲେନେସ୍କି ଏବଂ ଆମେରିକାଶାନ୍ତି ଷ୍ଟିଭ୍ ଓ୍ୱିଟ୍‌କଫ୍‌ଙ୍କ ସହ ସାକ୍ଷାତ କରି ଦୀର୍ଘକାଳୀନ ସାମରିକ ସମର୍ଥନ ଉପରେ ଆଲୋଚନା କରିଥିଲେ । ମାକ୍ରନ୍ କହିଛନ୍ତି ଏପର୍ଯ୍ୟନ୍ତ ଏହି ପ୍ରକ୍ରିୟାରେ କୌଣସି ଆମେରିକୀୟ ସୈନ୍ୟ ସାମିଲ ହୋଇ ନ ଥିଲେ ମଧ୍ୟ ଏହି ମେଣ୍ଟ ପାଇଁ ଓ୍ୱାଶିଂଟନ୍‌ର ସମର୍ଥନ ବିଷୟ ନେଇ ଶୀଘ୍ର ନିଷ୍ପତ୍ତି ଗ୍ରହଣ କରାଯିବ ।

## ଏସିଆ କପ୍

ବିହାରର ରାଜଗିରି ଆନ୍ତର୍ଜାତିକ ଷ୍ଟାଡିୟମ୍‌ରେ ଚାଲିଥିବା ଏସିଆ କପ୍ ପୁରୁଷ ହକି ପ୍ରତିଯୋଗିତାର ଗତକାଲି ଅନୁଷ୍ଠିତ ସୁପର ଫୋର୍ ପର୍ଯ୍ୟାୟ ମ୍ୟାଚ୍‌ରେ ଭାରତ ୪-୧ ଗୋଲ୍‌ରେ ମାଲେସିଆକୁ ପରାସ୍ତ କରିଛି । ଖେଳର ପ୍ରଥମାର୍ଦ୍ଧରେ ମାଲେସିଆ ଭଲ ଖେଳ ପ୍ରଦର୍ଶନ କରିଥିଲେ ମଧ୍ୟ ତାହା ବେଶି ସମୟ ପର୍ଯ୍ୟନ୍ତ ଜାରି ରହିପାରି ନଥିଲା । ଏହି ବିଜୟ ହାସଲ ପରେ ଭାରତ ୪ ପଏଣ୍ଟ ସହ ସୁପର୍ ଫୋର୍‌ରେ

ଶୀର୍ଷରେ ରହିଛି । ସୁପର୍ ଫୋର୍‌ରେ କୋରିଆ, ମାଲେସିଆ ଏବଂ ଚୀନ୍ ରହିଛନ୍ତି ।

ଆସନ୍ତାକାଲି ସୁପର୍ ଫୋର୍‌ର ପୁଲ୍ ମ୍ୟାଚ୍‌ରେ ଭାରତ-ଚୀନ୍ ମଧ୍ୟରେ ମୁକାବିଲା ହେବ । ଗତକାଲି ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚ୍‌ରେ ଚୀନ୍ ୩-୦ ଗୋଲ୍‌ରେ କୋରିଆକୁ ପରାସ୍ତ କରିଥିବା ବେଳେ ବାଂଲାଦେଶ ୫-୧ ଗୋଲ୍‌ରେ କାଜାଖସ୍ତାନକୁ ପରାସ୍ତ କରିଥିଲା ।

# ଫୁଟବଲ୍-ବକ୍ସିଂ

କାଜାଖସ୍ତାନର ହିସୋର୍ କେନ୍ଦ୍ରୀୟ ଷ୍ଟାଡିୟମ୍‌ରେ ଭାରତ ଏବଂ ଆଫଗାନିସ୍ତାନ ମଧ୍ୟରେ ଅନୁଷ୍ଠିତ ଫୁଟବଲ ମ୍ୟାଚ୍ ଅମିମାଂଶିତ ଭାବେ ଶେଷ ହୋଇଛି । କୌଣସି ଦଳ ଗୋଲ ଦେବାକୁ ସକ୍ଷମ ହୋଇନଥିଲେ । ଗ୍ରୁପ୍-ବି ର ଏହି ଫାଇନାଲ୍ ମ୍ୟାଚ୍ ପରେ ଭାରତ କାଫା ନେସନ୍ କପ୍ ୨୦୨୫ ପାଇଁ ଯୋଗ୍ୟତା ଅର୍ଜନ କରିଛି । ଇରାନ୍ ସହିତ କାଜାଖସ୍ତାନ ୨-୨ ଗୋଲ୍‌ରେ ମ୍ୟାଚ୍ ଡ୍ର' ରଖିବା ପରେ ଭାରତ ୪ ପଏଣ୍ଟ ସହିତ ଦ୍ୱିତୀୟ ସ୍ଥାନରେ ରହିଛି । ଆସନ୍ତା ୮ ତାରିଖରେ ତୃତୀୟ ସ୍ଥାନ ପାଇଁ ଭାରତ ଆଉ ଏକ ମ୍ୟାଚ୍ ଖେଳିବ ।

ଅନ୍ୟ ପକ୍ଷରେ ଲଣ୍ଡନର ଲିଭରପୁଲ୍‌ରେ ଅନୁଷ୍ଠିତ ବିଶ୍ୱ ବକ୍ସିଂ ଚାମ୍ପିୟନ୍‌ସିପ୍‌ରେ ଭାରତର ପବନ ବର୍ତ୍ତୱାଲ୍, ସାନମାଚା ଚାନୁ ଓ ସାକ୍ଷୀ ବିଭିନ୍ନ କିଲୋଗ୍ରାମ ବର୍ଗରେ ସେମାନଙ୍କ ଅଭିଯାନ ଆରମ୍ଭ କରିଛନ୍ତି । ମହିଳା ୭୦ କିଲୋଗ୍ରାମ ବର୍ଗରେ ଚାନୁ ଡେନ୍‌ମାର୍କର ଖେଳାଳିଙ୍କୁ ୪-୧ରେ ପରାସ୍ତ କରିଥିବା ସୂଚନା ମିଳିଛି ।